# NATIONAL NEWS BULLETIN (ODIA)
## 30 June - 2026
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଏକ ନ୍ୟାୟସଂଗତ ତଥା ସମାବେଶୀ ସମାଜ ଗଠନ ଉପରେ ପ୍ରାଧାନ୍ୟ ଦେଇ ନିଜର ଶିକ୍ଷାର ସଦୁପୋଯୋଗ କରିବାକୁ ଶିକ୍ଷାର୍ଥିଙ୍କୁ ରାଷ୍ଟ୍ରପତିଙ୍କ ଆହ୍ୱାନ ।
- ଦେଶ ବ୍ୟାପି ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ ଭିବିଜି ରାମ ଜି ଆଇନ୍ ୨୦୨୫ ।
- ଷୋଡ଼ଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ତିନି ଦିନିଆ ଗସ୍ତରେ ଆସି ଆସନ୍ତାକାଲି ନୂଆଦିଲ୍ଲୀରେ ପହଞ୍ଚିବେ ଜାପାନ୍ ପ୍ରଧାନମନ୍ତ୍ରୀ ।
- ପ୍ରତିରକ୍ଷା କ୍ଷମତାର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ସଶକ୍ତ ଅର୍ଥ ବ୍ୟବସ୍ଥାର ଅବଦାନ ଅତୁଳନୀୟ ବୋଲି ପ୍ରତିରକ୍ଷା ମନ୍ତ୍ରୀଙ୍କର ମତବ୍ୟକ୍ତ ।

ଏବଂ

- ହୁଲ୍ ଦିବସ ଅବସରରେ ଜନଜାତି ସମ୍ପ୍ରଦାୟଙ୍କ ତ୍ୟାଗ ଏବଂ ବଳୀଦାନ ପ୍ରତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କର ଶ୍ରଦ୍ଧାଞ୍ଜଳୀ ।

# ପ୍ରେସ୍-ଏପି ଭିଜିଟ୍

ଏକ ନ୍ୟାୟସଂଗତ ତଥା ସମାବେଶୀ ସମାଜ ଗଠନ ଉପରେ ପ୍ରାଧାନ୍ୟ ଦେଇ ନିଜର ଶିକ୍ଷାର ସଦୁପୋଯୋଗ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍ ସ୍ଥିତ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଶିକ୍ଷିତ ଯୁବବର୍ଗ କେବଳ ନିଜର ପ୍ରଗତି ଲାଗି କାର୍ଯ୍ୟ ନ କରି ସମାଜର ଦୁର୍ବଳ ବର୍ଗର ଉତ୍ଥାନ ଏବଂ ଦେଶ ନିର୍ମାଣ ଦିଗରେ ବ୍ରତି ହୋଇ କାର୍ଯ୍ୟ କରିବା ଉଚିତ୍ ।

ଛାତ୍ରଛାତ୍ରୀମାନେ ସାମାଜିକ ରୂପାନ୍ତରିକରଣ ଅଭିଯାନର ବାର୍ତ୍ତାବହ ହୋଇ କାର୍ଯ୍ୟ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ସମାଜ, ସଂସ୍କୃତି, ପରମ୍ପରା ତଥା ଅର୍ଥନୈତିକ ପ୍ରଗତିକୁ ଅଧିକ ସଶକ୍ତ କରିବା ଦିଗରେ ବିଦ୍ୟାର୍ଥୀମାନେ ପ୍ରଚେଷ୍ଟା କରିବା ଉଚିତ୍ ।

୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ସହିତ ପଛରେ ରହିଯାଉଥିବା ବ୍ୟକ୍ତିବିଶେଷଙ୍କ ପ୍ରଗତି ଲାଗି ପ୍ରଚେଷ୍ଟା କରିବା ଉପରେ ଶ୍ରୀମତୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଜନଜାତି ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଦକ୍ଷତା ବିକାଶ, ଜୀବନଜୀବିକା ଏବଂ ଜଙ୍ଗଲ ଅଧିକାର ଭଳି ପ୍ରାଥମିକ କ୍ଷେତ୍ରର ଦାୟିତ୍ୱକୁ ଉଚିତ୍ ରୂପେ ନିର୍ବାହ କରିବା ଦିଗରେ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ନବସୃଜନ ଏବଂ କୌଶଳ ବିକାଶ କ୍ଷେତ୍ରରେ ଅଧିକ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରି ରାଷ୍ଟ୍ରପତି କହିଛନ୍ତି –

**VO-2-PRESIDENT-KUASHAL-VIKAS**

ଏହି ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀମାନେ ଚାକିରି ସୃଷ୍ଟି କରିବା ଦିଗରେ ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଦୃଷ୍ଟିକୋଣକୁ ସଫଳ କରିବା ଲାଗି ବିଶ୍ୱବିଦ୍ୟାଳୟଗୁଡ଼ିକ ନବସୃଜନ ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।

ଏହି ଅବସରରେ ରାଷ୍ଟ୍ରପତି କୃତି ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଣ୍ଣପଦକ ସମେତ ଅନ୍ୟାନ୍ୟ ପଦକ ଏବଂ ଡିଗ୍ରୀ ପ୍ରଦାନ କରିଥିଲେ ।

# ସେଣ୍ଟର-ଭିଭିଜି ରାମଜି

ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ – ଭିବି ଜି ରାମ ଜି ଆଇନ୍ – ୨୦୨୫ ଆସନ୍ତାକାଲିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଭିବି-ଜି. ରାମ୍ ଜି. ଆଇନ’ ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଗ୍ରାମୀଣ ବିକାଶ ସହିତ ସ୍ଥାନୀୟ ପରିବାରଗୁଡ଼ିକୁ ସଶକ୍ତ କରିବା ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ ଭଳି ବ୍ୟବସ୍ଥାମାନ ଏହି ନୂତନ ଆଇନ୍‌ରେ ରହିଛି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂଆ ଆଇନ୍ ପ୍ରଣୟନ କରାଯାଇଛି।

# ଜାପାନ୍ ପିଏମ୍ ଭିଜିଟ୍

ଷୋଡ଼ଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ଜାପାନ୍ ପ୍ରଧାନମନ୍ତ୍ରୀ ସାନାଇ ତାକାଇଚି ଆସନ୍ତାକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିବେ । ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷିୟ ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟା ଉପରେ ଏହି ସମ୍ମିଳନୀରେ ମତବିନିମୟ କରିବାର ସୁଯୋଗ ପାଇବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ତାକାଇଚିଙ୍କର ଏହି ତିନି ଦିନିଆ ଗସ୍ତର ଦ୍ୱିତୀୟ ଦିନରେ ତାଙ୍କୁ ରାଷ୍ଟ୍ରପତି ଭବନଠାରେ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ । ଏହା ପରେ ସେ ତାଙ୍କର ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଉଭୟ ନେତା ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିବାର ସମ୍ଭାବନା ରହିଛି । ଏହାପରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହିତ ମିଳିତ ପ୍ରେସ୍ ବିବୃତ୍ତି ଜାରି

କରାଯିବ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଶ୍ରୀ ତାକାଇଚି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଜାପାନ ବ୍ୟବସାୟିକ ଫୋରମ୍‌ରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଏହା ହେଉଛି ଶ୍ରୀ ତାକାଇଚିଙ୍କର ଜାପାନ୍ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ସରକାରୀ ଭାରତୀୟ ଗସ୍ତ । ଗତ ବର୍ଷ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପଞ୍ଚଦଶତମ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ଟୋକିଓ ଗସ୍ତ କରିଥିଲେ । ଏହା ପରେ ଶ୍ରୀ ତାକାଇଚିଙ୍କର ଏହି ଗସ୍ତ ଦ୍ୱାରା ଭାରତ-ଜାପାନ୍ ସ୍ୱତନ୍ତ୍ର ରଣନୈତିକ ଏବଂ ବୈଶ୍ୱିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ଦେଶର ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଗୁଜରାଟ-ରାଜନାଥ ସିଂହ

ପ୍ରତିରକ୍ଷା କ୍ଷମତାର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ସଶକ୍ତ ଅର୍ଥ ବ୍ୟବସ୍ଥାର ଅବଦାନ ଅତୁଳନୀୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଆଜି ଗୁଜରାଟର ଭଦୋଦରାଠାରେ ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ରୁତଗତିରେ ଆତ୍ମନିର୍ଭର ହେବା ଦିଗକୁ ଗତି କରୁଥିବା ଉପରେ

ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି, ୨୦୧୪ ମସିହାରେ ଦେଶର ଘରୋଇ ପ୍ରତିରକ୍ଷା ଉତ୍ପାଦନ ପ୍ରାୟ ୪୬ ହଜାର କୋଟି ଟଙ୍କା ଥିଲା । ମାତ୍ର ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଏ କ୍ଷେତ୍ରରେ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ବର୍ତ୍ତମାନ ଏହି ପରିମାଣ ୧ ଦଶମିକ୍ ୭/୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ।

**VO-1-RAJNATH-SINGH**

## ହୁଲ୍ ଡେ

ହୁଲ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ସିଦୋ-କାହ୍ନୁ, ଚାନ୍ଦ-ଭୈରବ, ଫୁଲୋ-ଝାନୋ ଏବଂ ସାନ୍ତାଳ ବିଦ୍ରୋହର ଅମର ବୀର ପୁରୁଷ ଓ ମହିଳାମାନଙ୍କର ତ୍ୟାଗ ଏବଂ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଆଦିବାସୀ ସମାଜ ଉପରେ ହୋଇଥିବା ଶୋଷଣକୁ ବିରୋଧ କରିବା ସହିତ ନିଜର ପରିଚୟର ସୁରକ୍ଷା ପାଇଁ ଏହି ଐତିହାସିକ ସଂଗ୍ରାମ ହୋଇଥିଲା ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ହୁଲ୍ ଦିବସ ହେଉଛି ନିଜର ମାତୃଭୂମି ପାଇଁ ଜନଜାତି ସମ୍ପ୍ରଦାୟର ଅଦମ୍ୟ ସାହସ ଏବଂ ବଳୀଦାନର ଏକ ସଶକ୍ତ ପ୍ରତିକ । ଜନଜାତି ସମ୍ମାନର

ସୁରକ୍ଷା ଲାଗି ଏହି ବଳୀଦାନ ତଥା ସଂଗ୍ରାମର ବୀରଗାଥା ଦେଶର ପ୍ରତ୍ୟେକ ନାଗରିକଙ୍କୁ ନୂତନ ଶକ୍ତି ଯୋଗାଇଦେବା ସହିତ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ଅବସରରେ ସାନ୍ତାଳ ବିଦ୍ରୋହର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆଦିବାସୀ ପରିଚୟ ଏବଂ ମାତୃଭୂମି ପାଇଁ ସର୍ବସ୍ୱ ବଳିଦାନ ଦେଇଥିବା ସମସ୍ତ ବୀର ବିପ୍ଳବୀଙ୍କୁ ସ୍ମରଣ କରିଛନ୍ତି।

## ଗଡ଼କରୀ-ରୋଡ୍ ସେଫ୍ଟି

ସଡ଼କ ସୁରକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ଜନସାଧାରଣଙ୍କ ଅଂଶଗ୍ରହଣ ଉପରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସମାରୋହରେ ଉଦ୍‌ବୋଧନ ଦେବା ଅବସରରେ ଏ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ଆଲୋକପାତ କରିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି, ସରକାର ଦେଶ ବ୍ୟାପି ଦୁର୍ଘଟଣା ପ୍ରବଣ ବ୍ଲାକ୍‌ସ୍ପଟ୍ ଏବଂ ଭୂସ୍ଖଳନ ଜନିତ ସ୍ଥାନଗୁଡ଼ିକୁ ଚିହ୍ନଟ କରିଛନ୍ତି । ଏହିସବୁ ସ୍ଥାନରେ ସୁଧାର ଆଣିବା ଲାଗି ସରକାର ୫୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିକାଶ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି । ଏଥିସହିତ ଆନ୍ତର୍ଜାତିକ ସ୍ତରୀୟ ସଡ଼କ ଇଞ୍ଜିନିୟରିଂ, ଲେନ୍

ମାର୍କିଂ ଓ ଅଣ୍ଡର ପାସ୍ ଆଦି ସୁନିଶ୍ଚିତ କରିବା ଉପରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି । **VO**

ଅନ୍ୟ ପକ୍ଷରେ ସଡ଼କ ସୁରକ୍ଷା ନିୟମାବଳୀ ମାନିବା ଉପରେ ଗୁରୁତ୍ୱ ଦେଇ ଜନସାଧାରଣ ଟ୍ରାଫିକ୍ ନିୟମ ଉପଯୁକ୍ତ ଭାବେ ପାଳନ କରିବା ସହିତ ହେଲ୍‌ମେଟ୍ ଓ ସିଟ୍ ବେଲ୍ଟ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ଚାଳନା ନ କରିବା, ରାଜପଥରେ ଶୃଙ୍ଖଳା ବଜାୟ ରଖିବା ତଥା ଗାଡ଼ି ଚାଳନା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବାକୁ ଶ୍ରୀ ଗଡ଼କରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ପ୍ରଥମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆସନ୍ତାକାଲି ଚେଷ୍ଟର୍-ଲି-ଷ୍ଟ୍ରିଟ୍ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ୧୦ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଆୟରଲାଣ୍ଡ ଗସ୍ତ ଶେଷ କରି ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ଏବଂ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍ ଖେଳିବା ଲାଗି ଇତିମଧ୍ୟରେ ସେଠାରେ ପହଞ୍ଚିଛନ୍ତି ।